


# ସୁବର୍ଣ୍ଣା
# SUBARNA

KRUSHI VIGYAN KENDAR, SONEPUR
କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର

ଉନବିଂଶ ବର୍ଷ | ସଂଖ୍ୟା - ୨ | ଓ.ୟୁ.ଏ.ଟି ପବ୍ଲିକେସନ୍ ନଂ: ୨୦୨୫୦୩୦୪୪୩ | ଜାନୁୟାରୀ - ମାର୍ଚ୍ଚ ୨୦୨୫

2025030443



### ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟଙ୍କ

## ବାର୍ତ୍ତା

କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର ସଦା ସର୍ବଦା ସୁବର୍ଣ୍ଣପୁର ଜିଲ୍ଲାର ଚାଷୀ ଓ ଚାଷର ଉନ୍ନତି ନିମନ୍ତେ ଜିଲ୍ଲାରେ କାମ କରି ଆସୁଅଛି । ଜିଲ୍ଲାର କୃଷି ଉତ୍ପାଦନ ବୃଦ୍ଧି ଓ କୃଷକର ସର୍ବୋତ୍ତର ଉନ୍ନତି ନିମନ୍ତେ ଏହା କାର୍ଯ୍ୟ କରି ଆସୁଅଛି । ଚାଷୀର ସମସ୍ୟା ସମ୍ବଳ ଓ ପାଣିପାଗକୁ ଆଖି ଆଗରେ ରଖି ବିଭିନ୍ନ ନୂତନ ଜ୍ଞାନକୌଶଳ ପ୍ରଦାନ କରିଆସୁଅଛି । ଅଳ୍ପ ଜମିରୁ ଅଧିକ ଉତ୍ପାଦନ କରିବା ନିମନ୍ତେ ବିଭିନ୍ନ ପ୍ରକାରର ସମନ୍ୱିତ କୃଷି ପ୍ରଣାଳୀକୁ ଆପଣେଇ ନେବାପାଇଁ ତାଲିମ ଓ କ୍ଷେତ୍ର ପ୍ରଦର୍ଶନ କରି ଚାଷୀଙ୍କୁ ପ୍ରୋତ୍ସାହିତ କରୁଅଛି । ଜିଲ୍ଲାରେ କୃଷି ସହିତ ଜଡ଼ିତ ସମସ୍ତ ବିଭାଗ ସହିତ ସହଯୋଗ ରଖି କୃଷି ଓ କୃଷକର ଉନ୍ନତି ନିମନ୍ତେ କାର୍ଯ୍ୟ କରୁଅଛି । ଜିଲ୍ଲାରେ ଚାଷୀ ଉଦ୍ୟୋଗୀ ସୃଷ୍ଟି କରିବା ଏବଂ ସଫଳ ଚାଷୀକୁ ସମ୍ମାନିତ କରି ଉତ୍ସାହିତ କରିବା ଇତ୍ୟାଦି କାର୍ଯ୍ୟ କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର ଗ୍ରହଣ କରି ଆସୁଅଛି ।

କୃଷି ବିଜ୍ଞାନ କେନ୍ଦ୍ର ସମସ୍ତ ତଥ୍ୟ ଏହାର ସମାଚାର ପତ୍ରିକା 'ସୁବର୍ଣ୍ଣା' ମାଧ୍ୟମରେ କୃଷକ, କୃଷିଜୀବୀ ମହିଳା ଓ ସମ୍ପ୍ରସାରଣ ଅଧିକାରୀମାନଙ୍କ ପାଖରେ ପହଞ୍ଚାଯାଇ ପାରୁଛି ।

ଡ. ବିଶ୍ୱରଞ୍ଜନ ପଟ୍ଟନାୟକ
(ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଙ୍କ ବାର୍ତ୍ତା)



### ଉପଜିଲ୍ଲାପାଳଙ୍କ ବାର୍ତ୍ତା

## ବାର୍ତ୍ତା

କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର ସାମାଜିକ କ୍ରମବିକାଶ ଓ ପରିବର୍ତ୍ତିତ ଆବଶ୍ୟକତା ସହ ତାଳ ଦେଇ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସଫଳ ହୋଇପାରିଛି । କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତିର ଲକ୍ଷ୍ୟ ରଖି କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ କାର୍ଯ୍ୟ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ପ୍ରାକୃତିକ ଓ ଜୈବିକ କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ, ଛତୁ ଚାଷ ଆଦି ସମସ୍ତ ଦିଗକୁ ଧ୍ୟାନରେ ରଖି ଏହି କେନ୍ଦ୍ର ବିଭିନ୍ନ ଗବେଷଣାଲବ୍ଧ ଜ୍ଞାନକୌଶଳକୁ ଚାଷୀଙ୍କ ମଧ୍ୟରେ ଆଦୃତ କରାଇ କୃଷିଜୀବୀମାନଙ୍କର ଆର୍ଥିକ ସ୍ୱଚ୍ଛଳତା ଆଣିବାରେ ସହାୟକ ହୋଇଛି । ବିଭିନ୍ନ ପ୍ରକାରର କ୍ଷେତ୍ର ପରୀକ୍ଷଣ, କ୍ଷେତ୍ର ପ୍ରଦର୍ଶନୀ ତଥା ଧନ୍ଦାମୂଳକ ତାଲିମ ମାଧ୍ୟମରେ ଚାଷୀଙ୍କୁ ନୂତନ ଜ୍ଞାନକୌଶଳ ଯୋଗାଇବା ସହ ଆୟବୃଦ୍ଧିରେ ସହାୟକ ହୋଇପାରିଛି ।

କୃଷି ବିଜ୍ଞାନ କେନ୍ଦ୍ର, ସୋନପୁରର ସମାଚାର ପତ୍ରିକା 'ସୁବର୍ଣ୍ଣା' ପ୍ରକାଶ ପାଉଥିବାରୁ ମୁଁ ବିଶେଷ ଆନନ୍ଦିତ । କୃଷି ଗବେଷଣାଲବ୍ଧ ଜ୍ଞାନ କୌଶଳ ଚାଷୀ ଭାଇ ଓ ଭଉଣୀମାନଙ୍କ ପାଖରେ ପହଞ୍ଚି ପାରିଲେ ହିଁ ଗବେଷଣା ସାର୍ଥକ ହୋଇପାରିବ । ସୁବର୍ଣ୍ଣପୁର ଜିଲ୍ଲାର ଚାଷୀମାନଙ୍କ ପାଖରେ ଏହି ଜ୍ଞାନ ପହଞ୍ଚାଇବାରେ କେନ୍ଦ୍ର ଯେଉଁ ଗୁରୁଦାୟିତ୍ୱ ବହନ କରିଛି ମୁଁ ତା'ର ସଫଳ କାମନା କରୁଛି ।

ଡ. ସୌମ୍ୟାରୁପା ରଥ
ଉପଜିଲ୍ଲାପାଳ, ସୁବର୍ଣ୍ଣପୁର

## ପ୍ରାଣୀ ସ୍ୱାସ୍ଥ୍ୟ ଶିବିର

କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର ତରଫରୁ ଦୁଇ ଦିନ ଧରି ପ୍ରାଣୀ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା । ୩୦.୦୧.୨୦୨୫ ଓ ୩୧.୦୧.୨୦୨୫ ତାରିଖରେ ଜିଲ୍ଲାର ଉଲୁଣ୍ଡା ବ୍ଲକ୍‌ର ହରିଣାପାଲି ଓ ସୋନପୁର ବ୍ଲକ୍‌ର ବଡ଼ଝିଙ୍କିରେ ୨ଟି ପ୍ରାଣୀ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଓ ଟୀକାକରଣ ବିଷୟରେ




ଗ୍ରାମବାସୀଙ୍କୁ ସଚେତନ କରାଯିବା ସହିତ ଟୀକାକରଣ ଏବଂ ବିଭିନ୍ନ ଔଷଧ ବିତରଣ କରାଯାଇଥିଲା । ଏହି ଶିବିରରେ ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଯୋଗଦାନ କରି ଗୋପାଳକ ଓ ପ୍ରାଣୀପାଳକମାନଙ୍କୁ ପରାମର୍ଶ ଦେଇଥିଲେ । ଏଥିସହିତ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗର ଏକ ମୋବାଇଲ ଭ୍ୟାନ ୟୁନିଟ୍ ଗ୍ରାମ ଭିତରେ ବୁଲି ସମସ୍ତ ଗାଇଗୋରୁ, ଛେଳି ଓ ଅନ୍ୟାନ୍ୟ ପ୍ରାଣୀଙ୍କ ଟୀକାକରଣ କରିଥିଲା । ଶିବିରରେ ପ୍ରାୟ ୧୫୦ଟି ଗାଇଗୋରୁ ଓ ୩୫୦ଟି ଛେଳି ଓ ମେଣ୍ଢାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ ଓ ଟୀକାକରଣ କରାଯାଇଥିଲା ।

## ଜିଲ୍ଲାସ୍ତରୀୟ କୃଷକ ଉତ୍ପାଦକ ସଙ୍ଗଠନର ଉନ୍ନତି ନିମନ୍ତେ କାର୍ଯ୍ୟକ୍ରମ

କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର ତରଫରୁ ଚଳିତ ବର୍ଷ ୨୦୨୪-୨୫ରେ ୨ଟି ତାଲିମ ଶିବିର, ୨ଟି ଏକାଭିମୁଖତା ନିମନ୍ତେ କାର୍ଯ୍ୟକ୍ରମ ଏବଂ ଗୋଟିଏ ପ୍ରଦର୍ଶନ ପରିଦର୍ଶନ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ



ଗୁଡ଼ିକରେ ଜିଲ୍ଲାରେ ଉପସ୍ଥିତ ଥିବା ୧୨ଟି କୃଷକ ଉତ୍ପାଦନ ସଙ୍ଗଠନର ଡାଇରେକ୍ଟର, ସି.ଇ.ଓ. ଏବଂ ଅନ୍ୟ ବିଓଡ଼ି ସଦସ୍ୟମାନେ ଭାଗ ନେଇଥିଲେ । ଏଥି ସହିତ ଜିଲ୍ଲାର ବୈଷୟିକ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ମୃତ୍ତିକା ଓ ଜଳ ସଂରକ୍ଷଣ ବିଭାଗ, ପ୍ରାଣୀଧାନ ବିଭାଗ, ଡି.ଆଇ.ସି ର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ରହି କୃଷକ ଉତ୍ପାଦକ ସଙ୍ଗଠନର ସାମୂହିକ ଉନ୍ନତି ପାଇଁ ନିଜ ନିଜର ଯୋଜନା ବିଷୟରେ ଆଲୋଚନା ଓ ପରାମର୍ଶ ଦେଇଥିଲେ । କେନ୍ଦ୍ରର ଅନ୍ୟ ବୈଜ୍ଞାନିକମାନେ କୃଷକ ଉତ୍ପାଦକ ସଙ୍ଗଠନକୁ କିପରି ବ୍ୟବସାୟିକ ଓ ଲାଭଜନକ ସଂସ୍ଥାରେ ପରିଣତ କରି ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପରିଚାଳନା ସମସ୍ୟା ଓ କୃଷକମାନଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା ।

## ୨୧ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର ପରିସରରେ ୨୦.୧୧.୨୦୨୪ ତାରିଖରେ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଉଭୟ ଅନ୍‌ଲାଇନ ଓ ଅଫଲାଇନ ମୋଡ଼ରେ ଅନୁଷ୍ଠିତ ହୋଇଥିଲା ।

ଏଥିରେ ଓୟୁଏଟିର ଯୁଗ୍ମ ନିର୍ଦ୍ଦେଶକ (ସମ୍ପ୍ରସାରଣ) ଡ. ସର୍ବାଣୀ ଦାସ ଓ ଡ. ସୁଚିସ୍ମିତା ଜେନା ଯୋଗ ଦେଇଥିଲେ । ସମ୍ପ୍ରସାରଣ ନିର୍ଦ୍ଦେଶାଳୟ ଅଧକ୍ଷ




ପ୍ରସନ୍ନଜିତ୍ ମିଶ୍ର ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ବୈଠକରେ ଅଧ୍ୟକ୍ଷତା କରିଥିଲେ । ଭାରତୀୟ କୃଷି ଓ ଅନୁସନ୍ଧାନ ପରିଷଦ କଲିକତା ଜୋନ୍-୫ର ପ୍ରମୁଖ ବୈଜ୍ଞାନିକ ଡ. ପି.ପି. ପାଲ୍, ଭୁବନେଶ୍ୱର କେନ୍ଦ୍ରୀୟ ଉଦ୍ୟାନ ଗବେଷଣା କେନ୍ଦ୍ର ବୈଜ୍ଞାନିକ ଡ. ଗୋବିନ୍ଦ ଚରଣ ଆଚାର୍ଯ୍ୟ, ଆରଆରଟିଟିଏସ୍ ଚିପିଲିମାର ଅତିରିକ୍ତ ଗବେଷଣା ନିର୍ଦ୍ଦେଶକ ଡ. ସଂଯୁକ୍ତା ମହାପାତ୍ର ଅନଲାଇନ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ । ଏହାଛଡ଼ା ଜିଲ୍ଲାର ବିଭିନ୍ନ ବରିଷ୍ଠ ଅଧିକାରୀ ଯଥା- ସିଡ଼ିଏଓ, ଡିଡିଏମ୍ ନାବାର୍ଡ଼, ସହକାରୀ ବନ ସଂରକ୍ଷକ, ସୋନପୁର ରେଞ୍ଜର, ପ୍ରାଣୀ ଚିକିତ୍ସା ଅଧିକାରୀ ଉପସ୍ଥିତ ରହି ଋଷୀଙ୍କୁ ବୈଷୟିକ ପରାମର୍ଶ ପ୍ରଦାନ କରିଥିଲେ । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ୨୦୨୩-୨୪ ବର୍ଷର ରବି ଓ ୨୦୨୪ର ଖରିଫ୍ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥି ସହ ଆଗାମୀ ବର୍ଷର କାର୍ଯ୍ୟଖସଡ଼ା ସଂପର୍କରେ ବିଷଦ ଆଲୋଚନା ହୋଇଥିଲା ।

## ଭେଣ୍ଡି ଫସଲରେ ଦହିଆ ପୋକର ସଫଳ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ

ସୁବର୍ଣ୍ଣପୁର ଜିଲ୍ଲାରେ ଚାଷ କରାଯାଉଥିବା ବିଭିନ୍ନ ଶୀତଦିନିଆଁ ପନିପରିବା ମଧ୍ୟରେ ଭେଣ୍ଡି ଅନ୍ୟତମ । ଏହା ଜିଲ୍ଲାରେ ପ୍ରାୟ ୭୦୦ ହେକ୍ଟର ଜମିରେ ଚାଷ କରାଯାଇଥାଏ । କିନ୍ତୁ ଏହି ଫସଲରେ ବିଭିନ୍ନ ସମୟରେ ଦହିଆ ପୋକର ବିଶେଷ ପ୍ରାଦୁର୍ଭାବ ପରିଲକ୍ଷିତ ହୋଇଥାଏ । ଏହାଦ୍ୱାରା ଭେଣ୍ଡି ଅମଳ ଅଧିକ ପ୍ରଭାବିତ ହୋଇଥାଏ । ଏହାକୁ ଦୃଷ୍ଟିକୋଣରେ ରଖି କେନ୍ଦ୍ର ତରଫରୁ ତା'ର ପୋଷ୍ୟଗ୍ରାମ ପାଲିଗାଁରେ ୧୦ ଜଣ ଅଗ୍ରଣୀ ଚାଷୀଙ୍କୁ ନେଇ ୧ ହେକ୍ଟର ଜମିରେ ଏହାର ସମନ୍ୱିତ ପରିଚାଳନାର ଏକ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏଥିରେ ଫସଲ କରାଯାଇଥିବା ଚତୁପାର୍ଶ୍ୱ ବନ୍ଧରୁ ଘାସ ପ୍ରତ୍ୟାହାର କରାଯିବା ସହିତ ଅତ୍ୟଧିକ ଆକ୍ରାନ୍ତ କାଣ୍ଡ ଏବଂ ଡାଳକୁ ନଷ୍ଟ କରାଯାଇଥିଲା । ଏହା ବ୍ୟତୀତ ଫେନିଟ୍ରୋଥାୟନ ଭଳି ସର୍ବାଙ୍ଗଭେଦୀ କୀଟନାଶକ ଔଷଧ ହେକ୍ଟର ପିଛା ୧.୫ ଲିଟର ହିସାବରେ ୧୦ ଦିନ ବ୍ୟବଧାନରେ ୨ ଥର ସିଞ୍ଚନ କରାଯାଇଥିଲା । ଏହାଦ୍ୱାରା ଶତକଡ଼ା ୪୬:୧୫ ଭାଗ ଫଳ ଆକ୍ରାନ୍ତ ହ୍ରାସ ପାଇଥିଲା ଏବଂ ଭେଣ୍ଡି ଅମଳ ଶତକଡ଼ା ୨୦.୨୪ ଭାଗ ଅଧିକ ହୋଇଥିଲା ।



## ମୁଗ ଫସଲରେ ଛୁଇଁ ବିନ୍ଧା ପୋକର ସଫଳ କ୍ଷେତ୍ର ପରୀକ୍ଷଣ

ସୁବର୍ଣ୍ଣପୁର ଜିଲ୍ଲାରେ ମୁଗ ଏକ ପ୍ରମୁକ ଡାଲିଜାତୀୟ ଫସଲ । ଏହା ଜିଲ୍ଲାରେ ପ୍ରାୟ ୮୦୦୦ ହେକ୍ଟର ଜମିରେ ମୁଖ୍ୟତଃ ରବି ଋତୁରେ ଚାଷ କରାଯାଇଥାଏ । ଡାଲିର ସ୍ୱାଦକୁ ଦୃଷ୍ଟିରେ ରଖି ଚାଷୀ ଭାଇମାନେ ସାଧାରଣତଃ ଚଇତି ମୁଗ ଚାଷ କରିଥାନ୍ତି । କିନ୍ତୁ ଏଥିରେ ଛୁଇଁ ବିନ୍ଧା ପୋକର ପ୍ରାଦୁର୍ଭାବ ବିଶେଷ ଦୃଷ୍ଟିଗୋଚର ହୋଇଥାଏ । ଏହାକୁ ଆଖି ଆଗରେ ରଖି କେନ୍ଦ୍ର ତରଫରୁ ସୋନପୁର ବ୍ଲକ ଅନ୍ତର୍ଗତ 'ତରାଇକେଲା' ଗ୍ରାମରେ ୭ ଜଣ ଆଗ ଧାଡ଼ିର ମୁଗ ଚାଷୀଙ୍କୁ ନେଇ ୦.୫ ହେକ୍ଟର ଜମିରେ ଏହାର ଏକ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ପ୍ରଥମଟିରେ ମୁଗ ବୁଣିବାର ୩୦ ଦିନ ପରେ ୫% ନିମ୍ବ ମଞ୍ଜି ଶସ୍ ଉର୍ଦ୍ଧୃତାଂଶ (NSKE 5%) ପତ୍ର ସିଞ୍ଚନ କରାଯିବା ସହିତ ୪୫ ଦିନ ପରେ ଏକ ନୂତନ ପିଢ଼ିର କୀଟନାଶକ କ୍ଲୋରାଣ୍ଟ୍ରାନିଲିପ୍ରଲ୍ ୧୮.୫% ଏସ୍.ସି. ଔଷଧକୁ ହେକ୍ଟର ପିଛା ୨୦୦ ମି.ଲି. ହିସାବରେ ସିଞ୍ଚନ କରାଯାଇଥିଲା । ଦ୍ୱିତୀୟଟିରେ ୧୫୦୦ ପିପିଏମ୍ ନିମ୍ବ ତେଲ ହେକ୍ଟର ପିଛା ୧.୫ ଲିଟର ବୁଣିବାର ୩୦ ଦିନ ପରେ ସିଞ୍ଚନ କରାଯିବା ସହିତ ୪୫ ଦିନ ପରେ ଫ୍ଲୁବେଣ୍ଡିଆମାଇଡ଼ ୩୦.୧୫% ଏସ୍.ସି. ଔଷଧକୁ ହେକ୍ଟର ପିଛା ୫୦୦ ଲିଟର ପାଣିରେ ୨୦୦ ମି.ଲି. ମିଶ୍ରଣ କରି ସିଞ୍ଚନ କରାଯାଇଥିଲା ।




ଏଥିରୁ ଦେଖାଗଲା ଯେ ପ୍ରଥମଟି, ଦ୍ୱିତୀୟଟି ଅପେକ୍ଷା ଅଧିକ ଫଳପ୍ରଦ ଏବଂ ଲାଭଦାୟକ ହୋଇଥିଲା । ପ୍ରଥମରେ ଛୁଇଁ ବିନ୍ଧା ପୋକର ଆକ୍ରମଣ ଶତକଡ଼ା ୬୧.୨୭ ଭାଗ ହ୍ରାସ ପାଇଲା ସ୍ଥଳେ ଦ୍ୱିତୀୟରେ ଶତକଡ଼ା ୫୪.୯୧ ଭାଗ ହ୍ରାସ ପାଇଥିଲା । ଏହାବ୍ୟତୀତ ପ୍ରଥମରେ ମୁଗ ଅମଳ ଶତକଡ଼ା ୨୩.୪୦ ଭାଗ ଅଧିକ ହୋଇଥିଲା ବେଳେ ଦ୍ୱିତୀୟଟିରେ ଏହା ଶତକଡ଼ା ୧୪.୮୯ ଭାଗ ଚାଷୀ ଅବଲମ୍ବନ କରୁଥିବା ପ୍ରଣାଳୀ ତୁଳନାରେ ହୋଇଥିଲା । ଏଣୁ ଆଗାମୀ ଭବିଷ୍ୟତରେ ଚାଷୀଭାଇମାନେ ଛୁଇଁ ବିନ୍ଧା ପୋକର ପ୍ରାଦୁର୍ଭାବକୁ ହ୍ରାସ କରିବା ସକାଶେ ପ୍ରଥମଟିକୁ ଆପଣେଇ ନେବାପାଇଁ ଦୃଢ଼ମନସ୍ଥ କରିଅଛନ୍ତି ।

ପ୍ରସ୍ତୁତ କରାଯାଇଥିଲା ଏବଂ ଏହି ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତ କରି ୧୦ କେଜି ଛତୁରୁ ଟ.୨୦୨୦/- ଲାଭ ମିଳିଥିଲା । ଏହି ସୁପ୍ ପାଉଡ଼ରଟି ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇପାରିଥିଲା ଏବଂ ସେମାନେ ଆଗାମୀ ଦିନରେ ଅଧିକ ପରିମାଣରେ ସୁପ୍ ପାଉଡ଼ର ପ୍ରସ୍ତୁତ କରି ବଜାରରେ ବିକ୍ରି କରିବାର ଯୋଜନା ରଖିଛନ୍ତି ।

## ଧିଙ୍ଗିରି ଛତୁରୁ ପ୍ରସ୍ତୁତ ମୂଲ୍ୟଯୁକ୍ତ ପଦାର୍ଥ (ସୁପ୍ ପାଉଡ଼ର)ର ଆଗୁଆ ଧାଡ଼ି ପ୍ରଦର୍ଶନ

ଛତୁ ରେ ଜଳୀୟ ଅଂଶ ଅଧିକ ଥିବାରୁ ଏହା ଅଧିକ ଦିନ ପର୍ଯ୍ୟନ୍ତ ସତେଜ ଅବସ୍ଥାରେ ରହିପାରିନଥାଏ । ଧିଙ୍ଗିରି ଛତୁ ୨-୩ ଦିନ ପର୍ଯ୍ୟନ୍ତ ସତେଜ ଅବସ୍ଥାରେ ରହିଥାଏ । ଧିଙ୍ଗିରି ଛତୁ ୨-୨୩ ଦିନ ପର୍ଯ୍ୟନ୍ତ ସତେଜ ଅବସ୍ଥାରେ ରହିଥାଏ । ଏହାକୁ ଅଧିକ ଦିନ ସାଇତି ରଖିବା ପାଇଁ ଏଥିରୁ ବିଭିନ୍ନ ମୂଲ୍ୟଯୁକ୍ତ ପଦାର୍ଥ ସୃଷ୍ଟି କରି ଏହାର ସ୍ୱାଦ ଏବଂ ମୂଲ୍ୟ ବୃଦ୍ଧି କରାଯାଇପାରୁଛି । ଏହି



ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର ତରଫରୁ ପୋଷ୍ୟଗ୍ରାମ ଲାତୁରପେଟ ଏବଂ ଲୁଟୁରପଙ୍କ ଗ୍ରାମର ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀରୁ ୧ ଜଣ ସଦସ୍ୟଙ୍କୁ ନେଇ ଧିଙ୍ଗିରୀ ଛତୁରୁ ମୂଲ୍ୟଯୁକ୍ତ ପଦାର୍ଥ (ସୁପ୍ ପାଉଡ଼ର) ପ୍ରସ୍ତୁତିର ଆଗୁଆ ଧାଡ଼ି ପ୍ରଦର୍ଶନ ରବି ୨୦୨୪-୨୫ରେ କରାଯାଇଥିଲା । ଏହି ପ୍ରଦର୍ଶନରେ ୧୦ କେଜି ଛତୁରୁ ୩ କେଜି ଛତୁ ସୁପ୍ ପାଉଡ଼ର

## ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଆୟବୃଦ୍ଧି ନିମନ୍ତେ ମାଣ୍ଡିଆରୁ ପ୍ରସ୍ତୁତ ମୂଲ୍ୟଯୁକ୍ତ ପଦାର୍ଥ (ମୁଡୁକୁ)ର ଆଗୁଆ ଧାଡ଼ି ପ୍ରଦର୍ଶନ

କ୍ଷୁଦ୍ରଶସ୍ୟ ମାଣ୍ଡିଆରୁ ଆମକୁ ଉତ୍କୃଷ୍ଟ ମାନର ପୋଷକ ତତ୍ତ୍ୱ ମିଳିଥାଏ । ବିଭିନ୍ନ ପ୍ରକାର ରୋଗ ଯେପରିକି ଉଚ୍ଚ ରକ୍ତଚାପ,




ମଧୁମେହ ଓ ହୃଦ୍‌ରୋଗକୁ ନିୟନ୍ତ୍ରଣ କରିବାରେ ଏହି କ୍ଷୁଦ୍ରଶସ୍ୟ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେଥିପାଇଁ ଦିନକୁ ଦିନ ଏସବୁର ଚାହିଦା ବଢ଼ିଚାଲିଛି । ଏହି ସବୁ କ୍ଷୁଦ୍ରଶସ୍ୟ ମଧ୍ୟରେ ମାଣ୍ଡିଆ ଅନ୍ୟତମ । ଏଥିରୁ ଅନେକ ପ୍ରକାରର ପୁଷ୍ଟିକର ଏବଂ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ସ୍ୱୟଂ ସହାୟକ ଗୋଷ୍ଠୀର ଆୟବୃଦ୍ଧି କରିବା ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର ତରଫରୁ ମାଣ୍ଡିଆରୁ ମୂଲ୍ୟଯୁକ୍ତ ପଦାର୍ଥ (ମୁଡୁକୁର) ଆଗୁଆ ଧାଡ଼ି ପ୍ରଦର୍ଶନ ପୋଷ୍ୟଗ୍ରାମ ହିଲୁଙ୍ଗ, ବାଗବର୍ ଏବଂ ଲାତୁରପେଟ ଗ୍ରାମର ୧୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟକୁ ନେଇ ଚଳିତ ବର୍ଷ ଖରିଫ୍ ୨୦୨୪ରେ

କରାଯାଇଥିଲା । ପ୍ରଦର୍ଶନରେ ଦେଖାଯାଇଥିଲା ଯେ ଏହି ଦ୍ରବ୍ୟକୁ ପ୍ରସ୍ତୁତ କରି ୧୦ କେଜି ମାଣ୍ଡିଆରୁ ଟ.୩୧୦/- ଲାଭ ମିଳିଥିଲା ଏବଂ ଏହି ମୁଢ଼ୁକୁ ପାଖାପାଖି ୧ ମାସ ପର୍ଯ୍ୟନ୍ତ ରହିପାରୁଥିଲା ।

## ଦୁଧିଆଳୀ ଗାଈର ଖାଦ୍ୟ ପରିଚାଳନା ନିମନ୍ତେ ସୁପର୍ ନାପିୟର ଘାସର ଆଗୁଆ ଧାଡ଼ି ପ୍ରଦର୍ଶନ

ଗୋଖାଦ୍ୟ ନିମନ୍ତେ ଚାଷୀମାନେ ସାଧାରଣତଃ ଶୁଷ୍କ ଖାଦ୍ୟ ନଡ଼ା, କୁଣ୍ଡା, ଚୋକଡ଼ ଏବଂ ବଜାରରେ ମିଳୁଥିବା ଗୋଖାଦ୍ୟ ଉପରେ ନିର୍ଭର କରିଥାନ୍ତି । ଦାନା ଖର୍ଚ୍ଚ କମାଇବା ଏବଂ



ଦୁଧିଆଳୀ ଗାଈର ଖାଦ୍ୟକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ସବୁଜ ଘାସର ବ୍ୟବହାର ନିହାତି ଦରକାର । ଏହାକୁ ଦୃଷ୍ଟିରେ ରଖି କୃଷି ବିଜ୍ଞାନ କେନ୍ଦ୍ର, ସୋନପୁର ଦ୍ୱାରା ପୋଷ୍ୟଗ୍ରାମ ବେଜ୍‌ପାଲି, ଗୋପାଳପୁର ଏବଂ ବିଏମ୍‌ପୁର ଠାରେ ନାପିୟର ଘାସର ଆଗୁଆ ଧାଡ଼ି ପ୍ରଦର୍ଶନ କରାଯାଇଥିଲା । ଏହି ପ୍ରଦର୍ଶନ ମାଧ୍ୟମରେ ଦୁଧିଆଳୀ ଗାଈକୁ ୮-୧୦ କେଜି/ ୧୦୦ କି.ଗ୍ରା. ଶରୀରର ଓଜନ ହିସାବରେ ସବୁଜ ଘାସ ସୁପର ନାପିୟର ବଜାରରେ ମିଳୁଥିବା ଖାଦ୍ୟ ବଦଳରେ ଦିଆଯାଇଥିଲା । ଯାହାଫଳରେ, ଦାନା ଖର୍ଚ୍ଚ ପ୍ରାୟ ଟ.୩୦/- ଗାଈ ପ୍ରତି କମିଥିବା ବେଳେ ଦୁଗ୍ଧ ଉତ୍ପାଦନ ମଧ୍ୟ ୫୦୦-୭୦୦ ମି.ଲି. ବୃଦ୍ଧି ପାଇଥିଲା ।

## ମୁଗରେ ସମନ୍ୱିତ ସାର ପରିଚାଳନାର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନୀ

ସୁବର୍ଣ୍ଣପୁର ଜିଲ୍ଲାରେ ମୁଗ ସାଧାରଣତଃ ଧାନ ଅମଳ ପରେ ପତିତ ଜମିରେ ବୁଣାଯାଇଥାଏ । ସାଧାରଣତଃ ଚାଷୀ ଭାଇମାନେ ମୁଗ ଫସଲକୁ କୌଣସି ସାର ପ୍ରଦାନ କରନ୍ତି ନାହିଁ



କିମ୍ବା ଅସନ୍ତୁଳିତ ସାର ପରିଚାଳନା କରିଥାଆନ୍ତି । ଯଦ୍ୱାରା ମୁଗର ଅମଳ କ୍ଷମତା ବହୁତ ମାତ୍ରାରେ କମିଯାଇଥାଏ । ଏହି ସମସ୍ୟାକୁ ଆଖିରେ ରଖି କୃଷି ବିଜ୍ଞାନ କେନ୍ଦ୍ର ସୁବର୍ଣ୍ଣପୁର ତରଫରୁ ରବି ଋତୁରେ ମୁଗରେ ସମନ୍ୱିତ ସାର ପରିଚାଳନାର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ କ୍ରମାଗତ ଭାବେ ଦ୍ୱିତୀୟ ବର୍ଷ ପାଇଁ ଆରମ୍ଭ କରାଯାଇଥିଲା । ଚାଷୀମାନେ ସାଧାରଣତଃ ମୁଗ ଫସଲରେ ୧୦ କେଜି ଯବକ୍ଷାରଜାନ, ୧୫ କେଜି ଫସ୍‌ଫରସ୍ ଏବଂ ୧୫ କେଜି ପଟାସିୟମ୍ କେବଳ ପ୍ରୟୋଗ କରିଥାନ୍ତି ଏବଂ ଯେକୌଣସି ଜୀବାଣୁ ସାର ପ୍ରୟୋଗ କରିନଥାନ୍ତି ।

କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଜ୍ଞାନ କୌଶଳ ହିସାବରେ ମାଟି ପରୀକ୍ଷା ଅନୁସାରେ ସାର ପ୍ରୟୋଗ ସହ ରାଇଜୋବିୟମ୍ ୧.୨୫ କେଜି/ ୨୫ କେଜି ବିହନ ସହ ଗୋଳାଇ ବିହନ ଉପଚାର ଏବଂ ହେକ୍ଟର ପ୍ରତି ୫ ଟନ୍ ଗୋବର ଖତ ପ୍ରୟୋଗ ପାଇଁ ପରୀକ୍ଷଣ ୧୦ ଜଣ ଚାଷୀଙ୍କୁ ନେଇ ୨ ହେକ୍ଟର ଜମିରେ କ୍ଷେତ୍ର ପ୍ରଦର୍ଶନୀ କରାଯାଇଥିଲା । କ୍ଷେତ୍ର ପ୍ରଦର୍ଶନୀର କୃଷି ବିଜ୍ଞାନ କେନ୍ଦ୍ର ଜ୍ଞାନ କୌଶଳରେ ୧୬.୫% ଅଧିକ ଅମଳ ମିଳିଥିବା

## ପିଣ୍ଡ ମୁଗ ବିହନ ‘ବିରାଟ’ ଉତ୍ପାଦନ

କୃଷି ବିଜ୍ଞାନ କେନ୍ଦ୍ର, ସୁବର୍ଣ୍ଣପୁର କୃଷି କ୍ଷେତ୍ରରେ ୧ ହେକ୍ଟର ଜମିରେ ମୁଗ ବିହନ ‘ବିରାଟ’ର ପିଣ୍ଡ ବିହନ ଚଳିତ ରବିଋତୁରେ ଉତ୍ପାଦନ କରାଯାଇଅଛି । ଚାଷୀ ଭାଇମାନଙ୍କ କମ୍ ଅବଧିଯୁକ୍ତ ମୁଗ ବିହନର ଆବଶ୍ୟକତାକୁ ଲକ୍ଷ୍ୟ କରି କୃଷି ବିଜ୍ଞାନ



କେନ୍ଦ୍ର ମୁଗ ବିହନ 'ବିରାଟ'ର ପିଣ୍ଡ ବିହନକୁ ଉତ୍ପାଦନ କରିଅଛି । 'ବିରାଟ' ବିହନ ଅବଧି ୬୦-୭୦ ଦିନ ଅଟେ ଏବଂ ଏହାର ଅମଳ କ୍ଷମତା ହେକ୍ଟର ପ୍ରତି ୧୦-୧୧ କୁଇଣ୍ଟାଲ ଅଟେ । ଏହି ବିହନଟି ସାହେବୀ ରୋଗ ସହନଶୀଳ ହୋଇଥିବାରୁ ଋଷୀ ଭାଇମାନଙ୍କ ପାଖରେ ଅଧିକ ଆଦୃତ ହୋଇଥାଏ ।

***

ପ୍ରକାଶକ: କୃଷି ବିଜ୍ଞାନ କେନ୍ଦ୍ର, ସନପୁର, ମୁଖ୍ୟ ସମ୍ପାଦକ : ଡଃ ବିଶ୍ୱରଞ୍ଜନ ପଟ୍ଟନାୟକ (ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ) ସମ୍ପାଦକ : ତ୍ରିନାଥ ଖଣ୍ଡାୟତରାୟ, ଡଃ. ଡକ୍ଟର ସତ୍ୟବ୍ରତ ମଙ୍ଗରାଜ, ଶ୍ରୀମତୀ ସୁପ୍ରଭା ସେଠୀ, ଶ୍ରୀମତୀ ପ୍ରିୟମ୍ବଦା ଲୋପାମୁଦ୍ରା ରୟ । ଯୋଗାଯୋଗ: କୃଷି ବିଜ୍ଞାନ କେନ୍ଦ୍ର, ପୋଷ୍ଟ ବ୍ୟାଗ୍ ନଂ - ୧, ସୁବର୍ଣ୍ଣପୁର-୭୬୭୦୧୭, ଦୂରଭାଷ : ୦୬୬୫୪-୨୨୧୦୦୯, Email : kvksonepur.ouat@gmail.com

2025030443